ଓଡ଼ିଆ (ପତ୍ର II) (ସାହିତ୍ୟ)

ODIA (Paper II) (LITERATURE)

ସମୟ : ତିନି ଘଣ୍ଟା *Time Allowed : Three Hours*	ପୂର୍ଣ୍ଣ ସଂଖ୍ୟା : 250 *Maximum Marks : 250*

ପ୍ରଶ୍ନପତ୍ରଭିତ୍ତିକ ନିର୍ଦ୍ଦେଶ

ଉତ୍ତର ପ୍ରଦାନ କରିବା ପୂର୍ବରୁ ନିମ୍ନଲିଖିତ ନିର୍ଦ୍ଦେଶାବଳୀ ଯତ୍ନପୂର୍ବକ ପାଠ କରିବା ଅନିବାର୍ଯ୍ୟ ।
ଏଥିରେ ଦୁଇଟି ବିଭାଗରେ ବିଭକ୍ତ ସମୁଦାୟ ଆଠୋଟି ପ୍ରଶ୍ନ ପ୍ରଦତ୍ତ ।
ପରୀକ୍ଷାର୍ଥୀଙ୍କୁ ତନ୍ମଧ୍ୟରୁ ପାଞ୍ଚଟି ପ୍ରଶ୍ନର ଉତ୍ତର ଦେବାକୁ ହେବ ।
ପ୍ରଥମ (1) ଓ ପଞ୍ଚମ (5) ପ୍ରଶ୍ନ ବାଧ୍ୟତାମୂଳକ । ଏତଦ୍‌ବ୍ୟତୀତ ବାକି ପ୍ରଶ୍ନଗୁଡ଼ିକ ମଧ୍ୟରୁ ପ୍ରତ୍ୟେକ ଭାଗରୁ ଅନ୍ୟୂନ ଗୋଟିଏ କରି ଯେକୌଣସି ତିନୋଟି ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିବ ।
ପ୍ରତ୍ୟେକ ପ୍ରଶ୍ନ/ପ୍ରଶ୍ନାଂଶ ପାର୍ଶ୍ୱରେ ତା'ର ମୂଲ୍ୟ ନିର୍ଦ୍ଦେଶିତ ।
ସମସ୍ତ ପ୍ରଶ୍ନର ଉତ୍ତର ଓଡ଼ିଆରେ (ଓଡ଼ିଆ ଲିପି) ଲେଖିବାକୁ ହେବ ।
ଯେଉଁଠାରେ ପ୍ରଶ୍ନର ଉତ୍ତର ପାଇଁ ଶବ୍ଦସଂଖ୍ୟା ନିର୍ଦ୍ଧାରିତ କରାଯାଇଛି, ଉତ୍ତର ଅନୁରୂପଭାବେ ପ୍ରଦାନ କରିବା ବିଧେୟ ।
ପ୍ରଦତ୍ତ ପ୍ରଶ୍ନର ଉତ୍ତରଗୁଡ଼ିକ କ୍ରମାନ୍ୱୟରେ ପ୍ରଦାନ କରାଯିବା ବିଧେୟ । ସ୍ପଷ୍ଟରୂପେ କଟାଯାଇ ନ ଥିଲେ, ଆଶିଂକଭାବେ ପ୍ରଦତ୍ତ ଯେକୌଣସି ଉତ୍ତର ମଧ୍ୟ ବିଚାରଯୋଗ୍ୟ ହେବ । ଉତ୍ତରପତ୍ରର ଅଲିଖିତ ପୃଷ୍ଠା ବା ପୃଷ୍ଠାଂଶ ସ୍ପଷ୍ଟରୂପେ କଟାଯିବା ବିଧେୟ ।

QUESTION PAPER SPECIFIC INSTRUCTIONS

Please read each of the following instructions carefully before attempting questions.
There are **EIGHT** questions divided in **TWO SECTIONS**.
Candidate has to attempt **FIVE** questions in all.
Question Nos. **1** and **5** are compulsory and out of the remaining, **THREE** are to be attempted choosing at least **ONE** question from each Section.
The number of marks carried by a question/part is indicated against it.
Answers must be written in ODIA (Odia script).
Word limit in questions, wherever specified, should be adhered to.
Attempts of questions shall be counted in sequential order. Unless struck off, attempt of a question shall be counted even if attempted partly. Any page or portion of the page left blank in the Question-cum-Answer Booklet must be clearly struck off.

ବିଭାଗ 'A' SECTION 'A'

1. ନିମ୍ନପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । ପ୍ରତ୍ୟେକ ଉତ୍ତର **150** ଶବ୍ଦ ମଧ୍ୟରେ ଲେଖିବାକୁ ହେବ : 10×5=50

1.(a) 'ଶାନ୍ତିପର୍ବ' ଅବଲମ୍ବନରେ ଭୀଷ୍ମ ଚରିତ୍ର ଉପରେ ଆଲୋକପାତ କର । 10

1.(b) 'ଯଦୁ-ଅବଧୂତ ସମ୍ବାଦ'ରେ ସମ୍ବାଦ ଓ ଉବାଚ ଶବ୍ଦ ପ୍ରୟୋଗର ଯଥାର୍ଥତା ପ୍ରତିପାଦନ କର । 10

1.(c) 'ରସକଲ୍ଲୋଳ'ର ପଠିତାଂଶ ଅବଲମ୍ବନରେ ଗୋପୀମାନଙ୍କର ବିରହ ଅବସ୍ଥା ବର୍ଣ୍ଣନା କର । 10

1.(d) ଉପେନ୍ଦ୍ର ଭଞ୍ଜ 'ଲାବଣ୍ୟବତୀ'ର ପ୍ରଥମ ଛାନ୍ଦର ଭାଷା-ଶୈଳୀ ସମ୍ପର୍କରେ ଯାହା ଉଲ୍ଲେଖ କରିଛନ୍ତି, ବର୍ଣ୍ଣନା କର । 10

Optional Province · optionalprovince.com

1.(e) 'ଚନ୍ଦ୍ରଭାଗା' ଚରିତ୍ରରେ ପ୍ରକାଶିତ ନୂତନତ୍ୱ ଦର୍ଶାଅ । 10

2. ନିମ୍ନପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :

2.(a) 'ଜୀବନଚିତା' ଆଧାରରେ ଦେବତା ପୂଜା ସମ୍ପର୍କରେ ମାୟାଧର ମାନସିଂହଙ୍କ ଦୃଷ୍ଟିକୋଣ ଦର୍ଶାଅ । 20

2.(b) 'ଚବିଶ ଗୁରୁ' ଗ୍ରହଣର ତାତ୍ପର୍ଯ୍ୟ ଆଲୋଚନା କର । 15

2.(c) 'ରସକଲ୍ଲୋଳ'ର ପଠିତାଂଶ ଅବଲମ୍ବନରେ ବର୍ଷାଋତୁ ବର୍ଣ୍ଣନାର ସଫଳତା ଦର୍ଶାଅ । 15

3. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :

3.(a) 'କବିତା-୧୯୬୨' ଆଧୁନିକ ଓଡ଼ିଆ କବିତା କ୍ଷେତ୍ରରେ ଏକ ଦିଗ ନିର୍ଣ୍ଣାୟକ — ଆଲୋଚନା କର । 20

3.(b) ଲାବଣ୍ୟବତୀ ଓ ଚନ୍ଦ୍ରଭାନୁର ଜନ୍ମ ବୃତ୍ତାନ୍ତ ପ୍ରଥମ ଛାନ୍ଦ ଅବଲମ୍ବନରେ ବର୍ଣ୍ଣନା କର । 15

3.(c) 'ଚନ୍ଦ୍ରଭାଗା'ରେ ବର୍ଣ୍ଣିତ ପ୍ରକୃତି ଉପରେ ଆଲୋକପାତ କର । 15

4. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :

4.(a) 'ସପ୍ତମଋତୁ'ର ବିଶେଷତ୍ୱ ଉପରେ ଆଲୋକପାତ କର । 20

4.(b) 'ମହାଭାରତ'ରେ 'ଶାନ୍ତିପର୍ବ' ସଂଯୋଜନର ବୈଶିଷ୍ଟ୍ୟ ପ୍ରତିପାଦନ କର । 15

4.(c) 'ଜୀବନଚିତା'ରେ ପ୍ରତିଫଳିତ କବିଙ୍କ ଜୀବନ ଦୃଷ୍ଟି ଉପରେ ଆଲୋକପାତ କର । 15

ବିଭାଗ 'B' SECTION 'B'

5. ନିମ୍ନପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । ପ୍ରତ୍ୟେକ ଉତ୍ତର **150** ଶବ୍ଦ ମଧ୍ୟରେ ଲେଖିବାକୁ ହେବ : 10×5=50

5.(a) 'କାଠଘୋଡ଼ା' ନାଟକର ନାମକରଣର ସାର୍ଥକତା ଦର୍ଶାଅ । 10

5.(b) 'ତଟନିରଞ୍ଜନା'ର ଗୌତମ ଚରିତ୍ରର ବୈଶିଷ୍ଟ୍ୟ ଆଲୋଚନା କର । 10

5.(c) 'ନୀଳଜ୍ୟୋସ୍ନା' ଗଳ୍ପରେ ପ୍ରତିଫଳିତ ଗାଲ୍ବିକଙ୍କର ପ୍ରେମପ୍ରତି ଦୃଷ୍ଟିକୋଣ ବର୍ଣ୍ଣନା କର । 10

5.(d) 'ଲକ୍ଷ୍ମୀର ଅଭିସାର' ଗଳ୍ପରେ ପଣ୍ଡିତ ଚରିତ୍ରର ତାତ୍ପର୍ଯ୍ୟ ଲେଖ । 10

5.(e) 'ଛ'ମାଣ ଆଠଗୁଣ'ରେ ଫକୀର ମୋହନଙ୍କର ହାସ୍ୟରସ ପ୍ରୟୋଗ ସମ୍ପର୍କରେ ଆଲୋଚନା କର । 10

6. ନିମ୍ନପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :

6.(a) 'କଥା ସରେନା' ପ୍ରବନ୍ଧ ମାଧ୍ୟମରେ କ୍ରିୟା-ପ୍ରକ୍ରିୟାର ଏକ ଅସରନ୍ତି ପ୍ରବାହକୁ ଲେଖକ କିପରି ଦର୍ଶାଇଛନ୍ତି, ଆଲୋଚନା କର । 20

6.(b) ବାସ୍ତବତା ଦୃଷ୍ଟିରୁ ବଳୀଦତ୍ତ ଚରିତ୍ରର ଯଥାର୍ଥତା ନିରୂପଣ କର । 15

6.(c) 'କାଠଘୋଡ଼ା' ନାଟକରେ ପ୍ରୟୋଗ କରାଯାଇଥିବା ନୂତନତା ଦର୍ଶାଅ । 15

7. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :

7.(a) ଚିତ୍ତରଞ୍ଜନ ଦାସଙ୍କ ପ୍ରବନ୍ଧ ଅବଲମ୍ବନରେ ଜାଣିବା ଓ ବୁଝିବା ମଧ୍ୟରେ ଥିବା ପାର୍ଥକ୍ୟକୁ ସଦୃଷ୍ଟାନ୍ତ ଲେଖ । 20

7.(b) ବୌଦ୍ଧ ଧର୍ମ-ଦର୍ଶନର ବିରୋଧାତ୍ମକ ଚିତ୍ରର ପ୍ରତିଫଳନ 'ତଟନିରଞ୍ଜନା'ରେ କିପରି ଘଟିଛି — ଦର୍ଶାଅ । 15

7.(c) 'ଗୃହଦାହ' ଗଳ୍ପ ମାଧ୍ୟମରେ ରାଜନୀତିରେ ସ୍ୱାର୍ଥପରତାର ଚିତ୍ର କିପରି ପ୍ରଦର୍ଶିତ — ନିରୂପଣ କର । 15

8. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :

8.(a) 'ଲକ୍ଷ୍ମୀର ଅଭିସାର' ଗଳ୍ପଗ୍ରନ୍ଥ ମାଧ୍ୟମରେ ମନୁଷ୍ୟର ଅହଙ୍କାରର ସାରଶୂନ୍ୟତାକୁ ପ୍ରତିପାଦନ କର । 20

8.(b) 'ସରୋଜିନୀ' ଚରିତ୍ର ମାଧ୍ୟମରେ ମୂଲ୍ୟବୋଧର ବିପର୍ଯ୍ୟୟ ରୂପାୟିତ — ନିର୍ଣ୍ଣୟ କର । 15

8.(c) 'ଚମ୍ପା' ଚରିତ୍ରର କୁଟିଳତାର ବିବିଧ ଦିଗ ଦର୍ଶାଅ । 15

Optional Province · optionalprovince.com